## ବନ୍ଧୁକ ଦେଖାଇ ମଦ ଦୋକାନରୁ ଲୁଟ

ଚମ୍ପୁଆ,(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳିପାଣ୍ଡି ଅଧୀନରେ ଥିବା ନାରଦପୁର ବିଦେଶୀ ମଦ ଦୋକାନରେ ଗତ ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ୫ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ୧ ଲକ୍ଷରୁ ଅଧିକ ଟଙ୍କା ଲୁଟି ନେଇ ପଳାଇଛନ୍ତି। କାଉଣ୍ଟରରେ କର୍ମଚାରୀ ଥିବା ସମୟରେ ଏଭଳି କାଣ୍ଡ ଦୁର୍ବୃତ୍ତମାନେ ଭିଆଇଛନ୍ତି। ପୋଲିସ ଏ ନେଇ ତଦନ୍ତ ଚଳାଇଥିଲେ ମଧ ଅଭିଯୁକ୍ତଙ୍କ ସୁରାକ ପାଇପାରି ନାହିଁ।

### ସଂକ୍ଷେପରେ

## ଜୁଡିଆ ଘାଟିରେ ୨୦ ଫୁଟ୍ ତଳକୁ ଖସିଲା କଣ୍ଟେନର

କେନ୍ଦୁଝର, ୨୮।୫ (ସ୍ୱ.ପ୍ର.): କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜୁଡିଆ ଘାଟିରେ ଏକ କଣ୍ଟେନର ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡିବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଟ୍ରାନ୍ସ କାର୍ଗୋ ଇଣ୍ଡିଆ ନାମକ ପାର୍ସଲ ବୋଝେଇ କଣ୍ଟେନର ସୁରତରୁ କଲିକତା ଅଭିମୁଖେ ଯାଉଥିବାବେଳେ ଶନିବାର ୧୧ ଟା ସମୟରେ ଜାତୀୟ ରାଜପଥ ୪୯ର ଜୁଡିଆ ଘାଟିରେ ଭାରସାମ୍ୟ ହରାଇ ୨୦ ଫୁଟ ତଳକୁ ଖସିପଡିଥିଲା। ଖବର ପାଇ ପୋଲିସ ଏବଂ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି କ୍ୟାବିନ ଭିତରୁ ଗୁରୁତର ଆହତ ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏହି ଘାଟିରେ ଗତ ୧୫ ଦିନ ମଧରେ ଛୋଟ ବଡ ବହୁ ଦୁର୍ଘଟଣା ଘଟିଛି। ତ୍ରୁଟିପୂର୍ଣ ଘାଟି ରାସ୍ତା ନିର୍ମାଣ କାରଣରୁ ଏଭଳି ଅଘଟଣ ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଯୁବକଙ୍କୁ କାଠ ଫାଳିଆରେ ପିଟି ହତ୍ୟା ଘଟଣା

## ୨ ଅଭିଯୁକ୍ତ ଗିରଫ

ଯୋଡ଼ା,୨୮।୫(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ଗୌଡଟୋପା ଗ୍ରାମରେ ଶୁକ୍ରବାର ଗଙ୍ଗା ମୁଣ୍ଡା ଜଣେ ଯୁବକଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିବା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ମିଥୁନ ମୁଣ୍ଡା ଓ ଗଙ୍ଗା ମୁଣ୍ଡା । ଏ ନେଇ ପୋଲିସ ଏକ ହତ୍ୟା ମାମଲା (ନଂ. ୮୮/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ବାମେବାରୀ ଆଇଆଇସି ମନୋରଞ୍ଜନ ବିଶି କହିଛନ୍ତି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବଡ଼ବିଲ, ୨୮।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ୫୨୦ ନଂ ଜାତୀୟ ରାଜପଥରେ ଶନିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ହେଲେ ମାନସିଂ ମୁଣ୍ଡା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ପୋଲିସ କର୍ମଚାରୀଙ୍କୁ ମାଡ଼ ଘଟଣା: ୪ ଜଣଙ୍କ ନାଁରେ ମାମଲା

ବାସୁଦେବପୁର, ୨୮।୫(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ନୂଆଗାଁ ଆଡ଼ିଆ ଗ୍ରାମର ଏକ ଘରପୋଡ଼ି ଘଟଣାରେ ସମ୍ପୃକ୍ତ ଅଭିଯୋଗରେ ଚକ୍ରଧର ମଳିକ ନାମକ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଚକ୍ରଧରଙ୍କୁ କୋର୍ଟ ଚାଲାଣ ବେଳେ ତାଙ୍କ ପରିବାର ପକ୍ଷରୁ ପୋଲିସ ଗାଡ଼ିକୁ ଅଟକାଇ ୨ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ମାଡ଼ ମାରିଥିଲେ। ଏଥିସହ ପୋଲିସ କବ୍‌ଜାରୁ ଚକ୍ରଧରଙ୍କୁ ଖସାଇ ନେଇଯିବାକୁ ଉଦ୍ୟମ କରିଥିଲେ। ଏହି ଘଟଣାରେ ବାସୁଦେବପୁର ଥାନା ହୋମଗାର୍ଡ ସୋନାଲି ମିତ୍ରଙ୍କ ଅଭିଯୋଗ କ୍ରମେ ୪ ଜଣଙ୍କ ନାଁରେ ମାମଲା (ନଂ.୨୨୦/୨୨) ରୁଜୁ କରାଯାଇଛି।

# ପିଣ୍ଡାରେ ଚାଲିଛି ପାଠପଢ଼ା


ଛାତ୍ରୀଛାତ୍ର ବିଦ୍ୟାଳୟ ପିଣ୍ଡାରେ ବସି ପଢୁଛନ୍ତି।

ଚମ୍ପୁଆ, ୨୮।୫(ଡି.ଏନ.ଏ.)

୫-ଟି' ବ୍ୟବସ୍ଥାରେ ବଦଳୁଛି ସ୍କୁଲର ରୂପରେଖ। ଚିକିମିକିଆ ସ୍ମାର୍ଟ କ୍ଲାସ୍ ରୁମ୍‌ର ଚିନ୍ତାମୁକ୍ତ ବାତାବରଣରେ ପାଠ ପଢୁଛନ୍ତି ପିଲା। ଏହାକୁ ନେଇ ରାଜ୍ୟ ସରକାର ସାଉଁଟୁଛନ୍ତି ପ୍ରଶଂସା। ଶିକ୍ଷା ଭିତ୍ତିଭୂମିର ଏଭଳି ପରିବର୍ତ୍ତନକୁ ସ୍ୱାଗତ କରୁଛନ୍ତି ବୁଦ୍ଧିଜୀବୀ। କିନ୍ତୁ କେନ୍ଦୁଝର ଜିଲା ଚମ୍ପୁଆ ଏନଏସି ଅନ୍ତର୍ଗତ ୧ନଂ ୱାର୍ଡରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଧୂଳିରେ ଦେଖିବାକୁ ମିଳିଛି ଏହାର ବିପରୀତ ଚିତ୍ର। ପିଲାମାନେ ବସି ପାଠ ପଢ଼ିବାକୁ ଶ୍ରେଣୀ ଗୃହ ଖଣ୍ଡେ ନାହିଁ। ସେଥିପାଇଁ ପିଣ୍ଡାରେ ବସି ପାଠ ପଢୁଛନ୍ତି।

ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ମାଧମ ସାଜିଥିବା ବିଦ୍ୟାଳୟର ଅବସ୍ଥା ଶୋଚନୀୟ ହେବାରେ ଲାଗିଛି। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜିତ ପ୍ରଧାନଙ୍କୁ ପଚାରିବାରୁ କହିଛନ୍ତି, ଯେ ଶ୍ରେଣୀଗୃହ ଅଭାବ ସମସ୍ୟା ଦୀର୍ଘଦିନ ଧରି ଲାଗି ରହିଛି। ବିଭାଗକୁ ଆମେ ଏ ସମ୍ବନ୍ଧରେ ସୂଚନା ଦେଇଛୁ ମାତ୍ର ବର୍ତ୍ତମାନ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ। ଫଳରେ ବାଧ ହୋଇ ଛାତ୍ରୀଛାତ୍ରଙ୍କୁ ପିଣ୍ଡାରେ ବସାଇ ପଢାଇବାକୁ ପଡୁଛି। ସୂଚନା ଅନୁସାରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଗଣିତ ଏହି ବିଦ୍ୟାଳୟରେ ୧୫୩ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରଥମେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପିଣ୍ଡାରେ ବସାଇ ପଢା ଯାଉଥିବା ବେଳେ ବର୍ତ୍ତମାନ କେବଳ ତୃତୀୟ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପିଣ୍ଡାରେ ବସାଇ ପାଠ ପଢାଯାଉଛି। ଗୋଟିଏ ଶ୍ରେଣୀଗୃହରେ ଏକରୁ ଅଧିକ ଶ୍ରେଣୀ ବସାଇ ପଢାଇବା ଅସମ୍ଭବ ହୋଇ ପଡୁଛି। ଏଥିପ୍ରତି ବିଭାଗ ଦୃଷ୍ଟି ଦେଇ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ବାସୀନ୍ଦା ଦାବି କରିଛନ୍ତି।

## ହରପାର୍ବତୀଙ୍କ ବିବାହ ଲାଗି ଲଗ୍ନଧରା


କନ୍ୟା ଓ ବର ପିତା ଲଗ୍ନଧରା କାର୍ଯ୍ୟକ୍ରମରେ ଶପଥ ନେଉଛନ୍ତି।

ବାହାନଗା,୨୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତର ଖରିଦା ଗ୍ରାମରେ ଥିବା ବିଶାଳପୋଖରୀର ମା'ଶକ୍ତି ପୀଠ ପରିସରରେ ହରପାର୍ବତୀଙ୍କ ବିବାହ ନିମନ୍ତେ ଲଗ୍ନଧରା କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। କନ୍ୟା ପିତା ଭାବେ ଖରିଦା ଗ୍ରାମ ନିବାସୀ ହୃଷିକେଶ ଓଝା ଓ ବର ପିତା ଭାବେ ଜୟନଗର ଗ୍ରାମର ନରହରୀ ନାୟକ ଦିନ ଓ ଲଗ୍ନ ଧରିଥିଲେ। ଏଥିରେ ଯୌତୁକ ଆକାରରେ ୭ହଳ ଷଣ୍ଢ,୧୨ହଳ ନାଗନାଗୁଣୀ,୫ଏକର ଶ୍ମଶାନକ ଜମି ଦେବାପାଇଁ କନ୍ୟା ପିତା ଶପଥ କରିଥିଲେ। ଏହି ଲଗ୍ନ ଧରା କାର୍ଯ୍ୟ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଖରିଦା ଗ୍ରାମବାସୀଙ୍କ ସମେତ ପଣ୍ଡିତ ଗୟାଧର ଶତପଥୀ, ଶତ୍ରୁଘ୍ନ ନନ୍ଦ ଓ ଗଦାଧର ଶତପଥୀଙ୍କ ସହଯୋଗରେ ପୂଜାକାର୍ଯ୍ୟ ଶେଷ ହୋଇଥିଲା। ନିର୍ବନ୍ଧ ସମୟରେ କିର୍ତ୍ତନର ମୁଖ୍ୟ ବଂଶୀଧର ନାୟକ ଓ ତାଙ୍କ ସାଥି ଉପସ୍ଥିତ ରହି ସହଯୋଗ କରିଥିଲେ। ମା' ଦୁର୍ଗାଙ୍କ ନିକଟରୁ ଆଜ୍ଞାମାଳ ଆସିବା ପରେ ନିର୍ବନ୍ଧ କାମ ଆରମ୍ଭ ହୋଇଥିଲା। ଆସନ୍ତା ଜୁନ୍ ୪ରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳନ ହେବ ବୋଲି ଲଗ୍ନ ସ୍ଥିର ହୋଇଥିଲା। ବିଶ୍ୱଜିତ୍ ଦାସ, ବିଜୟା ନନ୍ଦ ବାରିକ୍, ତପନ କୁମାର ରାଉତଙ୍କ ସମେତ ଖରିଦା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଆତ୍ମବିଶ୍ୱାସ ଦ୍ୱାରା ଭଲ ସ୍କୁଲ, ଛାତ୍ର ଗଠନ ସମ୍ଭବ'

### ମହତୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟନ ଉତ୍ସବ

ଖଇରା,୨୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୋ ସ୍କୁଲ ପାଣ୍ଠିରେ ନିର୍ମିତ ନୂତନ ଶ୍ରେଣୀ ଗୃହ ଉଦ୍‌ଘାଟିତ ହୋଇଯାଇଛି। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଏହି ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ପ୍ରଧାନ ଶିକ୍ଷୟତ୍ରୀ ସୁଜାତା ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ପାଣିଗ୍ରାହୀ ଯୋଗଦେଇ ସରକାର ବିଭିନ୍ନ ପର୍ଯ୍ୟାୟରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି ଦେଉଛନ୍ତି। କେବଳ ସେମାନେ ଆତ୍ମବିଶ୍ୱାସର ସହ କାମ କଲେ ଭଲ ସ୍କୁଲ ସାଙ୍ଗକୁ ଭଲ ଛାତ୍ରୀଛାତ୍ର ଗଢ଼ାଯାଇ ପାରିବେ ବୋଲି କହିଥିଲେ। ବିଶିଷ୍ଟ ସାହିତ୍ୟିକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା, ଏବିଇଓ ଶ୍ରୀଧର ବେହେରା, ଗୌରାଙ୍ଗ ମହାପାତ୍ର ଓ ହେମନ୍ତ କୁମାର ମିଶ୍ର, ସରପଞ୍ଚ ଆରତୀ ମହାନ୍ତି, ସମିତି ସଭ୍ୟା ଭାନୁପ୍ରିୟା ସାହୁ, ୱାର୍ଡସଭ୍ୟା ଟୁନି ରାଉତ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଦୋଳଗୋବିନ୍ଦ ମହାପାତ୍ର ଓ ସଦସ୍ୟ ମାନସ ମହାପାତ୍ର ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ରମାକାନ୍ତ ଗିରି ଅତିଥି ପରିଚୟ ପ୍ରଦାନ, ପ୍ରଭାକର ପଣ୍ଡା ବେଦ ପାଠ ଓ ପ୍ରଫୁଲ୍ଲ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସ୍କୁଲ ପ୍ରତିଷ୍ଠା ଦିନରୁ ଅଦ୍ୟାବଧି ବିଦ୍ୟାଳୟର ଗୌରବ ପାଇଁ କାର୍ଯ୍ୟ କରିଥିବା ବୈରାଗୀ ବେହେରା, ଜୟକୃଷ୍ଣ ରାଉଳ, ରଘୁନାଥ ମହାନ୍ତି, ଗୟାଧର ଜେନା, ଗୋପବନ୍ଧୁ ମହାପାତ୍ର, ମାନସ ମହାପାତ୍ର, ରଶ୍ମୀରଞ୍ଜନ ନାୟକ, ଶଶିକାନ୍ତ ଶିଅଳ, କ୍ଷିରୋଦ ରାଉତ ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କମିଟି ସଭ୍ୟ ମନୋଜ ପାତ୍ରଙ୍କ ସମେତ ମୋ ସ୍କୁଲ ଅଭିଯାନ କମିଟିର ସମସ୍ତ ସଭ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ନୂତନ ଗୃହକୁ ଉଦ୍‌ଘାଟନ କରୁଛନ୍ତି।

## ଛାତ୍ରୀଙ୍କ ଆତ୍ମହତ୍ୟା

ମୋରଡ଼ା,୨୮।୫ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ମୋରଡା ଥାନା ଚିତ୍ରଡା ଫାଣ୍ଡି ଅଞ୍ଚଳରେ ଜଣେ ନବମ ଶ୍ରେଣୀ ଛାତ୍ରୀ ଘରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ନବମ ଶ୍ରେଣୀ ରେ ପାଠପଢୁଥିବା ଛାତ୍ରୀ ଜଣକ ଘର ଭିତରେ ଥିବା କାଠରେ ଶାଢୀ ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ତେବେ କେଉଁ କାରଣରୁ ସେ ଆତ୍ମହତ୍ୟା କରିଛନ୍ତି ତାହା ଜଣାପଡିନଥିବା ବେଳେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୩/୨୨) ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ଜଣାପଡିଛି।

## ୩ ଦିନ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

### ରୂପାନ୍ତରିତ ବିଦ୍ୟାଳୟ

ବନ୍ତ,୨୮।୫(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ଚାଲିଥିବା ୫-ଟି ରୂପାନ୍ତରିତ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ୩ ଦିନ ମଧ୍ୟରେ ସାରିବାକୁ ଅଧିକାରୀ ଓ ଲୋକପ୍ରତିନିଧିମାନେ ନିର୍ମାଣକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ବିଧାୟକ ପ୍ରତିନିଧି ଇଂ.ପ୍ରୟାସକାନ୍ତି ସାମଲ, ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ଅତିରିକ୍ତ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ କୁଶଳ ଚନ୍ଦ୍ର ନାୟକ, ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ଶୁଭଦର୍ଶନ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, ସହକାରୀ ଯନ୍ତ୍ରୀ ଜୟଦେବ ପାତ୍ର, କନିଷ୍ଠ ଯନ୍ତ୍ରୀ ସୁପ୍ରଭା ପ୍ରଧାନ, ପ୍ରଜ୍ଞା ମହାନ୍ତି ପ୍ରମୁଖ ପଳାସଗଡ଼ିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସାଇନ୍ସ ଲ୍ୟାବ୍, ଇ-ଲାଇବ୍ରେରୀ, ସ୍ମାର୍ଟ କ୍ଲାସରୁମ୍ ଆଦି ବୁଲି ଦେଖିଥିଲେ। ସ୍କୁଲ ଅଧକ୍ଷ ମନୋରଞ୍ଜନ ବଳ, ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ସେଠୀ, ପ୍ରାକ୍ତନ ସରପଞ୍ଚ ଅଶୋକ ମହାନ୍ତି, ପ୍ରାକ୍ତନ ବ୍ଲକ ଉପାଧକ୍ଷ ବଟକୃଷ୍ଣ ମହାନ୍ତି, ନିରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଧିକାରୀ ଓ ଲୋକପ୍ରତିନିଧିମାନେ ନିର୍ମାଣାଧୀନ ରୂପାନ୍ତରିତ ବିଦ୍ୟାଳୟ ଯଥା ଦୋଳପଦୀସ୍ଥିତ ଆନନ୍ଦରାମ ପାଟୋଡିଆ ନୋଡାଲ, ଟିଲୋ ସରକାରୀ ନୋଡାଲ, ସେଣ୍ଟତୀରାସ୍ଥିତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠ ପରିଦର୍ଶନ କରିଥିଲେ।

## କ୍ରୀଡ଼ା ପ୍ରତିଭା ଅନ୍ୱେଷଣ



ଚମ୍ପୁଆ, ୨୮।୫(ଡି.ଏନ.ଏ.)

ସରକାର କ୍ରୀଡ଼ା ପାଇଁ ପ୍ରାଧାନ୍ୟ ଦେଉଥିବା ସ୍ଥଳେ ଗତ ଶୁକ୍ରବାର ଚମ୍ପୁଆ ଓ ଯୋଡା ବ୍ଲକର କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଚମ୍ପୁଆ ମହତାବ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ହୋଇଥିଲା। ଏହି ଦୁଇ ବ୍ଲକରୁ ସର୍ବମୋଟ ୨୯୫ ଜଣ ଆଗ୍ରହୀ କ୍ରୀଡ଼ାବିତ ଛାତ୍ରୀଛାତ୍ର ଅନ୍‌ଲାଇନରେ ଆବେଦନ କରିଥିବାବେଳେ ସେଥିରୁ ୧୯୬ ଜଣ ଖେଳାଳି ଯୋଗ୍ୟ ବିବେଚିତ ହୋଇ ଖେଳିବାର ସୁଯୋଗ ପାଇପାରିଥିଲେ। ସେମାନଙ୍କ ମଧ୍ୟରୁ ଯୋଗ୍ୟ ବିବେଚିତ ହୋଇ ଜିଲାସ୍ତରରେ ପୁଣି ଖେଳିବାର କେତେ ଜଣ ସୁଯୋଗ ପାଇ ପାରିବେ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ ବୋଲି ଖେଳ ପରିଚାଳନାରେ ଥିବା ପ୍ରକାଶ କୁମାର ବେଜ ସୂଚନା ଦେଇଛନ୍ତି।

## ବାଇକ୍ ଚୋରଙ୍କୁ ପୋଲିସ ଜିମା

### ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଅସନ୍ତୋଷ

ବାଲେଶ୍ୱର ଅଫିସ,୨୮।୫

ବାଲେଶ୍ୱର ସହର ବିବେକାନନ୍ଦ ମାର୍ଗ ସ୍ଥିତ ହିରୋହଣ୍ଡା ଶୋ'ରୁମ୍ ନିକଟରୁ ଶନିବାର ମଧ୍ୟାହ୍ନ ସମୟରେ ଜଣେ ଯୁବକ ଏକ ବାଇକ୍‌ର ତାଲା ଭାଙ୍ଗି ନେଇ ପଳାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ପିଛା କରି କାବୁ କରିଥିଲେ। ପରେ ଲୋକେ ତାଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଟାଉନ ଥାନା ପୋଲିସ ଜିମା ଦେଇଥିଲେ। ତାଙ୍କ ନିକଟରୁ ଏକ ଚାବି (ମାଷ୍ଟର କି) ଜବତ ହୋଇଛି। ଧରାପଡ଼ିଥିବା ଯୁବକ ଜଣକ ଖନ୍ତାପଡ଼ା ଥାନା ତୁଣ୍ଡା ଅଞ୍ଚଳର ସାଗର ଜେନା ଓ ସେ ଜଣେ ପେଶାଦାର ବାଇକ୍ ଚୋର ବୋଲି ପୋଲିସ କହିଛି। କିଛିଦିନ ପୂର୍ବେ ମୋତିଗଞ୍ଜ ଅଞ୍ଚଳରୁ ବାଇକ୍ ଚୋରି କରି ସେ ଧରାପଡ଼ିବା ସହ କୋର୍ଟ ଚାଲାଣ ହୋଇଥିଲେ। ଅନ୍ୟପକ୍ଷରେ ଖନ୍ତାପଡ଼ା, ସହଦେବଖୁଣ୍ଟା ମଡ଼େଲ ଥାନା ଭଳି ବିଭିନ୍ନ ଥାନାରେ ତାଙ୍କ ନାମରେ ବହୁ ଚୋରି ମାମଲା ରହିଥିବା ପୋଲିସ ସୂଚନା ଦେଇଛି। ଟାଉନ୍ ଥାନା ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ସହରରେ କିଛିଦିନ ହେଲା ଲଗାତାର ଭାବେ ବାଇକ୍ ଓ ସ୍କୁଟି ଚୋରି ସହ ଛିନ୍‌ତାଇ ବଢ଼ି ଚାଲିଛି। କିଛି ଦୁର୍ବୃତ୍ତ ଏସ୍‌ପିଙ୍କ ନାମ ଧରି ଲୋକଙ୍କୁ ଅଟକାଇ ବିଭିନ୍ନ ପ୍ରକାର ଆଇନ୍‌ଗତ ନିୟମ ସମ୍ପର୍କରେ ଜଣାଇ ସୁନା ଅଳଙ୍କାର ଲୁଟିବାରେ ପଛାଉ ନ ଥିବା ଅଭିଯୋଗ ହୋଇଛି। ପୋଲିସ ଚୋରମାନଙ୍କୁ ଧରିବାରେ ବିଫଳ ହେଉଛି। ଯଦି କୌଣସି ପରିସ୍ଥିତିରେ ଲୋକେ ଚୋରଙ୍କୁ ଧରି ପୋଲିସ ଜିମା ଦେଉଛନ୍ତି, ଲିଖିତ ଅଭିଯୋଗ ନ ପାଇବାରୁ ପୋଲିସ ସେମାନଙ୍କୁ ଛାଡ଼ି ଦେଉଥିବା ମଧ ଅଭିଯୋଗ ହୋଇଛି। ଏପରିକି ପୋଲିସ ପ୍ରଶାସନ ପକ୍ଷରୁ ସେଭଳି କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚୋରି ବୃଦ୍ଧି ପାଉଥିବା ଲୋକେ ଅଭିଯୋଗ କରିଛନ୍ତି।

## ନୂଆଗାଁରେ ସୁବ୍ରତ, ପଣ୍ଡଶୁଣିରେ ରାଜଶ୍ରୀ ବିଜୟୀ

### ୨ ପଞ୍ଚାୟତରେ ଉପ ନିର୍ବାଚନ

ବାଲେଶ୍ୱର ଅଫିସ/ ବାହାନଗା,୨୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତରେ ସରପଞ୍ଚ ଏବଂ ବାହାନଗା ବ୍ଲକ ପଣ୍ଡାଶୁଣି ପଞ୍ଚାୟତରେ ସମିତିସଭ୍ୟ ପଦବୀ ଉପ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ନୂଆଗାଁରେ ସରପଞ୍ଚ ଭାବେ ସୁବ୍ରତ ଦାସ ଏବଂ ପଣ୍ଡାଶୁଣିରେ ସମିତିସଭ୍ୟା ଭାବେ ରାଜଶ୍ରୀ ମଲ୍ଲିକ ବିଜୟୀ ହୋଇଛନ୍ତି।

ନୂଆଗାଁ ପଞ୍ଚାୟତରେ ସରପଞ୍ଚ ପ୍ରାର୍ଥୀ ଭାବେ ମୋଟ୍ ୯ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମୁଖ୍ୟତଃ ଭାଜପା ସମର୍ଥିତ ପ୍ରାର୍ଥୀ ସୁବ୍ରତ ଦାସ ଏବଂ ବିଜେଡି ସମର୍ଥିତ ପ୍ରାର୍ଥୀ କାର୍ତ୍ତିକ ବାରିକଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ଏଥିରେ ସୁବ୍ରତ ୧୯୫୫ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିବା ବେଳେ କାର୍ତ୍ତିକ ୧୫୩୨ ଖଣ୍ଡ ଭୋଟ୍ ପାଇଥିବା ନିର୍ବାଚନ ଅଧିକାରିଣୀ ଛବିରାଣୀ ସାହୁ ପ୍ରକାଶ କରିଛନ୍ତି। ସେହିପରି ପଣ୍ଡାଶୁଣି ପଞ୍ଚାୟତର ସମିତି ସଭ୍ୟ ଉପ ନିର୍ବାଚନରେ ଅସନ୍ତୁଷ୍ଟ ବିଜେଡି ସମର୍ଥିତ ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ ୧୪୦୬ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ସମର୍ଥିତ ସୀତା ମଲ୍ଲିକ ୬୦୯ ଖଣ୍ଡ ଭୋଟ ପାଇଥିବାର ନିର୍ବାଚନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ପ୍ରକାଶ କରିଛନ୍ତି। ସୂଚନା ଯେ, ଚଳିତ ପଞ୍ଚାୟତ ନିର୍ବାଚନରେ ରାଜଶ୍ରୀ ମଲ୍ଲିକଙ୍କ ଶ୍ୱଶୁର ଲୋକନାଥ ମଲ୍ଲିକ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ହୃଦ୍‌ଘାତରେ ମୃତ୍ୟୁବରଣ କରିଥିଲେ। ଫଳରେ ସମିତି ସଭ୍ୟ ନିର୍ବାଚନ ବାତିଲ୍ ହୋଇଯାଇଥିଲା।

## ଅବସରପ୍ରାପ୍ତ ଜିଲା ଚିକିତ୍ସାଧିକାରୀଙ୍କ ପରଲୋକ

ଭଦ୍ରକ ଅଫିସ/ ଭଣ୍ଡାରିପୋଖରୀ,୨୮।୫

ଭଦ୍ରକ ଜିଲାର ପ୍ରତିଷ୍ଠିତ ଶିଶୁ ରୋଗ ବିଶେଷଜ୍ଞ ତଥା ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଧର ନାୟକ(୬୯)ଙ୍କ ଶନିବାର ପରଲୋକ ହୋଇଛି। ସେ ଖୋର୍ଦ୍ଧା ସ୍ଥିତ ତାଙ୍କ ଝିଅ ଘରେ ଥିବାବେଳେ ପୂର୍ବାହ୍ନରେ ଅସୁସ୍ଥ ହୋଇପଡ଼ିଥିଲେ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ



ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଘର ଭଣ୍ଡାରିପୋଖରୀ ବ୍ଲକର ସରସଦା ପଞ୍ଚାୟତ କୁରିକଣା ଗ୍ରାମରେ। ମରଶରୀର ଭଦ୍ରକସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଶେଷ ଦର୍ଶନ କରିଥିଲେ।

# ଭୋଟର ତାଲିକା ପ୍ରସ୍ତୁତିରେ ଅନିୟମିତତା ଅଭିଯୋଗ

### ସମବାୟ ନିର୍ବାଚନ

ଭଣ୍ଡାରିପୋଖରୀ, ୨୮।୫

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ନାଆଁମୀ ଓ ନଗୁଆଁ ସମବାୟ ସମିତିରେ ନିର୍ବାଚନ ପାଇଁ ପ୍ରକାଶିତ ଭୋଟର ତାଲିକାରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ନିଜକୁ ସୁହାଉଥିବା ଭୋଟରମାନଙ୍କୁ ଏକାଧିକ ଥର ବିଭିନ୍ନ ଜୋନ୍‌ରେ ଭୋଟର କରାଯାଇଥିବା ବେଳେ ଯୋଗ୍ୟମାନଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ଏହାର ପ୍ରତିବାଦରେ ଅସନ୍ତୁଷ୍ଟ ଭୋଟରମାନେ ଉଚ୍ଚ ନ୍ୟାୟଳୟ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ମାଳଦା ପଞ୍ଚାୟତରେ ଭାଜପା ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଦଳୀୟ ନେତା ବଦ୍ରି ନାରାୟଣ ଧଳ ଶାସକ ଦଳକୁ ସୁହାଇଲା ଭଳି ଭୋଟର ତାଲିକା ପ୍ରକାଶ ପାଇଛି ବୋଲି ମତବ୍ୟକ୍ତ କରିଛନ୍ତି। ସେହିପରି କଂଗ୍ରେସ ଜିଲା ସଭାପତି ତଥା ଭଣ୍ଡାରିପୋଖରୀ ନେତା ସୁବ୍ରତ ଦାସ କହିଛନ୍ତି, ଭୋଟର ତାଲିକାରେ ସମ୍ପୂର୍ଣ୍ଣ ତ୍ରୁଟି ରହିଥିବା ବେଳେ ଅଭିଯୋଗ କଲେ ବି କେହି ଶୁଣୁନାହାନ୍ତି। ଏପରିକି ବହୁ ସଭ୍ୟ ତାଙ୍କ ସଭ୍ୟ ପଦରୁ ବାଦ୍ ପଡ଼ିଛନ୍ତି। ଅନ୍ୟପକ୍ଷେ ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି ଭୋଟର ତାଲିକାରେ ଶାସକ ଦଳ କୌଣସି ହସ୍ତକ୍ଷେପ କରିନାହିଁ ଏବଂ ସବୁ ଠିକ୍‌ଠାକ୍ ଅଛି ବୋଲି କହିଛନ୍ତି।

ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସମ୍ପାଦକ ସୁରେଶ ଦାସ ଅଭିଯୋଗ କରିଛନ୍ତି ଯେ, ଭୋଟର ତାଲିକା ପ୍ରସ୍ତୁତିରେ ବ୍ୟାପକ ଅନିୟମିତତା କରାଯାଇଛି। ସେ ସଦସ୍ୟ ଥିବା ନାଆଁମୀ ସେବା ସମବାୟ ସମିତିର ଭୋଟର ତାଲିକା ପ୍ରସ୍ତୁତ ବେଳେ ତାଙ୍କ ନାମ ତାଲିକାଭୁକ୍ତ ହେବା ପାଇଁ ନିୟମାନୁସାରେ ଯୋଗ୍ୟ ହୋଇଥିଲେ ମଧ ବାଦ୍ ଦିଆଯାଇଛି। ଏନେଇ ସେ ଆପତ୍ତି କରିଥିଲେ ମଧ ତାହାକୁ ଗ୍ରହଣ କରାଯାଇ ନାହିଁ। ସେହିପରି ବର୍ଗ ମନୋନୟନରେ ମଧ ତ୍ରୁଟି ରହିଛି। ବିଭିନ୍ନ ସମିତିରେ ତରବରିଆ ଭାବେ ଏପରି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରକାଶର ମାତ୍ର ଗୋଟିଏ ଦିନ ପରେ ନାମାଙ୍କନ ଦାଖଲ ଲାଗି ସମୟ ଧାର୍ଯ୍ୟ କରାଯାଇଛି। କେଉଁ କାରଣରୁ ଏଭଳି ତରବରିଆ ଭାବେ କରାଯାଇଛି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏନେଇ ସେ ବିଭାଗୀୟ ନିବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଏ ସମ୍ପର୍କରେ ଜିଲା ସହ ନିବନ୍ଧକ ତଥା ସହ ନିର୍ବାଚନ ଅଧିକାରୀ ସତ୍ୟ ପ୍ରକାଶ ସେଠିଙ୍କୁ ପଚାରିବାରୁ ନୂତନ ପଦ୍ଧତି ଅନୁଯାୟୀ ଭୋଟର ତାଲିକା ପ୍ରସ୍ତୁତ ହୋଇଥିବା କହିଛନ୍ତି। ଯେଉଁ ଭୋଟରଙ୍କ ଜମାଖାତାରେ ୫ଶହ ଟଙ୍କା ରହିଛି ଓ ଅନୁସୂଚିତ ଜାତି ଭୋଟରଙ୍କର ଶହେ ଟଙ୍କା ରହିଛି, ସେମାନଙ୍କ ନାମ ଭୋଟର ତାଲିକାରେ ରହିଛି। ଯେଉଁମାନଙ୍କର ଜମାଖାତାରେ ଉକ୍ତ ଅର୍ଥରାଶି ନାହିଁ ସେମାନଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିଛି। ନିୟମ ଅନୁସାରେ ନାମାଙ୍କନ ଦାଖଲ ପୂର୍ବରୁ ୩ ଦିନ ମଧ୍ୟରେ ଭୋଟର ତାଲିକା ପ୍ରକାଶ ପାଇପାରିବ ବୋଲି ସେ କହିଛନ୍ତି।

## ଅଙ୍ଗନୱାଡି ଛାତ୍ରୀଛାତ୍ରଙ୍କୁ ପଚା ଅଣ୍ଡା ଦେବା ନେଇ ଅଭିଯୋଗ

ପଦ୍ମପୁର, ୨୮।୫(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତର ଚଣ୍ଡିଗାଁ ଅଙ୍ଗନୱାଡି କେନ୍ଦ୍ରରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ପଚା ଅଣ୍ଡା ଖାଇବା ପାଇଁ ଦିଆଯାଇଛି। ଏନେଇ ଅଭିଭାବକ ପୁଷ୍ପାଞ୍ଜଳି ପଣ୍ଡା, ପାର୍ବତୀ ଜେନା, ଶ୍ରଦ୍ଧାଞ୍ଜଳି ଦାସ ଓ ପବିତ୍ରା ଦୀକ୍ଷିତ ସୁପରଭାଇଜରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି କେନ୍ଦ୍ରରେ ୨୫ ଜଣ ପିଲାଙ୍କ ନାମ ଲେଖା ଥିବା ବେଳେ ସେଦିନ ଉପସ୍ଥିତ ୧୪ ଜଣଙ୍କୁ ୭ଟି ଅଣ୍ଡା ଫାଳ କରି ଦିଆଯିବା ସହ ପଚା ଅଣ୍ଡା ଭୁଜିଆ କରି ଦିଆଯାଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଶିଶୁ ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ମଲ୍ଲିକଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଛାତ୍ରାବାସ ପରିଚାଳକଙ୍କ ସାମୂହିକ ଇସ୍ତଫା ଚେତାବନୀ


ବୈଠକରେ ଉପସ୍ଥିତ ଛାତ୍ରାବାସ ପରିଚାଳକମାନେ।

ବାରିପଦା ଅଫିସ/ ବାଙ୍ଗିରିପୋଷି,୨୮।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି, ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଛାତ୍ରୀ/ଛାତ୍ରାବାସର ପରିଚାଳକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଙ୍ଗିରିପୋଷି ବ୍ଲକ ସ୍ଥିତ ବଣକାଟି ସରକାରୀ ମାଧ୍ୟମିକ ବାଳିକା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ବୈଠକରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ତଥା ଶିକ୍ଷା ନିରୀକ୍ଷକ ସଂଘର ଉପଦେଷ୍ଟା ଦେବେନ୍ଦ୍ର କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ପତ୍ର ସଂଖ୍ୟା-୨୪୨୬ କ୍ରମେ ଛାତ୍ରାବାସ ପରିଚାଳନା ନିମନ୍ତେ ଆବଶ୍ୟକ ସାମଗ୍ରୀ ଯୋଗାଣ ପାଇଁ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ସରକାର ଦାୟିତ୍ୱ ପ୍ରଦାନ କରିଛନ୍ତି। କେବଳ ସାମଗ୍ରୀ ଯୋଗାଣରେ ଏହି ଗୋଷ୍ଠୀକୁ ସୀମିତ ନ ରଖି ଛାତ୍ରାବାସ ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିବାକୁ ବୈଠକରେ ଦାବି କରାଯାଇଛି। ଏପରିକି ଗୋଷ୍ଠୀର ସଦସ୍ୟମାନଙ୍କୁ ଅନ୍ତେବାସୀଙ୍କ ଖାଦ୍ୟପେୟ, ପୋଷାକ, ସ୍ୱାସ୍ଥ୍ୟ ଓ ସୁରକ୍ଷା ସହ ଆର୍ଥିକ କ୍ଷମତା ପ୍ରଦାନ ପାଇଁ ବୈଠକରେ ଦାବି ଉପସ୍ଥାପନ କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଛି। ଆସନ୍ତା ଜୁନ୍ ୧୭ ସୁଦ୍ଧା ସ୍ୱୟଂସହାୟିକା ଗୋଷ୍ଠୀକୁ ସମ୍ପୂର୍ଣ୍ଣ ଦାୟିତ୍ୱ ହସ୍ତାନ୍ତର କରା ନ ଗଲେ ଛାତ୍ରୀ/ଛାତ୍ରାବାସର ସମସ୍ତ ପରିଚାଳିକା ଓ ପରିଚାଳକ ସାମୂହିକ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଛନ୍ତି। ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘର ସମ୍ପାଦକ ଦିପ୍ତିକାନ୍ତ ଜେନା, ଉପଦେଷ୍ଟା ଦୀପକ କୁମାର ଦଣ୍ଡପାଟ, ରାଜ୍ୟ ବିଏଡ୍ ସଂଘ ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ସୁକେଶ ଚନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ସାହୁ, କବିତା ମାର୍ଣ୍ଡି ପ୍ରମୁଖ ବୈଠକରେ ଉପସ୍ଥିତ ରହି ଦାବି ସମ୍ପର୍କରେ ଆଲୋଚନା କରିଥିଲେ।

